# ସମୃଦ୍ଧି - କୃଷି ନୀତି ୨୦୨୦ ଏକ ବିହଙ୍ଗାବଲୋକନ

## ଉପକ୍ରମ

ଓଡ଼ିଶା ବିଶେଷ ଭାବେ ଏକ ଗ୍ରାମୀଣ ଓ କୃଷି ଅର୍ଥନୀତି ଭିତ୍ତିକ ରାଜ୍ୟ। ଏହାର ଜନସଂଖ୍ୟାର ପାଖାପାଖି ଶତକଡା ୮୩ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଓ ପ୍ରାୟ ଶତକଡା ୬୧.୮ ଭାଗ ଲୋକବଳ କୃଷି କ୍ଷେତ୍ରରେ ନିୟୋଜିତ ଥାଆନ୍ତି। ରାଜ୍ୟର ମୋଟ ଘରୋଇ ଉତ୍ପାଦକୁ ଏମାନଙ୍କର ଅବଦାନ ପ୍ରାୟ ଶତକଡା ୧୮ ଭାଗ। ଜାତୀୟ ମୋଟ ଘରୋଇ ଉତ୍ପାଦକୁ ଓଡ଼ିଶାର ଅବଦାନ ପ୍ରାୟ ଶତକଡା ୩ ଭାଗ।

ଏହି ଶତାବ୍ଦୀର ପ୍ରାରମ୍ଭରୁ ବିଗତ ୧୬ ବର୍ଷ ମଧ୍ୟରେ (୨୦୦୦-୨୦୦୧ ରୁ ୨୦୧୬-୧୭) ଓଡ଼ିଶାର ମୋଟ ଘରୋଇ ଉତ୍ପାଦ ପ୍ରକୃତ ପକ୍ଷରେ ଦ୍ୱିଗୁଣିତ ହୋଇଛି। ଏହି ସମୟରେ ରାଜ୍ୟର ଅଭିବୃଦ୍ଧି ହାର ବାର୍ଷିକ ଶତକଡା ୪.୫ ଭାଗ ଏବଂ ଏହା ଜାତୀୟ ବାର୍ଷିକ ଅଭିବୃଦ୍ଧି ହାର ୩.୧ ଭାଗ ରୁ ଅଧିକ ରହିଛି।

ଓଡ଼ିଶାର କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ହାରାହାରି ଉତ୍ପାଦନ ପ୍ରାୟ ୭୫,୮୦୦ କୋଟି ଟଙ୍କା ହେବ। ଏହାର ଅର୍ଦ୍ଧାଧିକ ପ୍ରାୟ ୪ଗୋଟି ଉତ୍ପାଦ ଯଥା ଧାନ, ମାଂସ, ଦୁଗ୍ଧ ଓ ବାଇଗଣରୁ ଆସିଥାଏ। ଏଥି ମଧ୍ୟରୁ ଶତକଡା ୨୪.୪୦ ପ୍ରତିଶତ ଧାନରୁ, ୧୧.୩୦ ପ୍ରତିଶତ ମାଂସରୁ, ୯.୧୦ ପ୍ରତିଶତ ଦୁଗ୍ଧରୁ ଓ ୬.୮୦ ପ୍ରତିଶତ ବାଇଗଣରୁ (ପନିପରିବାର ମୋଟ ଭାଗିଦାରୀ ୨୫.୩୦ ଭାଗ) ଆସିଛି।

୨୦୧୫-୧୬ରେ ଓଡ଼ିଶାରେ କୃଷକଙ୍କର ହାରାହାରି ବାର୍ଷିକ ଆୟ ୭୭୩୧ ଟଙ୍କା ଥିଲା। ଏହି ଆୟ ୨୦୦୨-୦୩ ବର୍ଷରେ ୧୦୬୨ ଟଙ୍କା ଥିଲା। ୨୦୦୨-୦୩ ରୁ ୨୦୧୫-୧୬ ମଧ୍ୟରେ ଏହି ୧୩ ବର୍ଷରେ ଓଡ଼ିଶାର କୃଷକଙ୍କ ଆୟ ବୃଦ୍ଧି ଭାରତ ବର୍ଷରେ ସର୍ବାଧିକ ହୋଇଛି ଓ ଏପରିକି ରାଜ୍ୟରେ ମୋଟ ଘରୋଇ କୃଷି ଉତ୍ପାଦ ବୃଦ୍ଧି ଠାରୁ ଆହୁରି ଦ୍ରୁତ ବୃଦ୍ଧି ପାଇଛି।

ବିଗତ ବର୍ଷ ମାନଙ୍କରେ ଏହି ବୃହତ୍ ଉପଲବ୍ଧିକୁ 'ସମୃଦ୍ଧି - କୃଷି ନୀତି-୨୦୨୦'ରେ ପ୍ରାଧାନ୍ୟ ଦିଆଯାଉଛି। ଏହି କୃଷି ନୀତିରେ କୃଷକ, ଭାଗଚାଷୀ, ଭୂମିହୀନ କୃଷକପରିବାରଙ୍କ ସାମାଜିକ ଓ ଅର୍ଥନୈତିକ ସ୍ୱଚ୍ଛଳତା ନିମନ୍ତେ ପରିବାରଙ୍କୁ ଗୁରୁତ୍ୱ ଦିଆଯାଉଛି। ଏକ ସ୍ଥାୟୀ ଓ ବାସ୍ତବ, ପରିବେଶ ଅନୁକୁଳ, ଅର୍ଥନୈତିକ ଓ ବୈଷୟିକ ଜ୍ଞାନ ସମ୍ପୂର୍ଣ୍ଣ ଓଡ଼ିଶା ଗଠନ ନିମନ୍ତେ କୃଷି କ୍ଷେତ୍ରରେ ଥିବା ବ୍ୟାପକ ଅବ୍ୟବହୃତ କ୍ଷମତା ବାସ୍ତବରେ ପରିଣତ କରାଇବା ଲକ୍ଷ୍ୟ ରହିଛି।

## ଓଡିଶାର ପୂର୍ବ କୃଷିନୀତି :

୧୯୯୬ ମସିହାରେ ଓଡ଼ିଶା ସରକାର ତାର ପ୍ରଥମ କୃଷିନୀତି ଘୋଷଣା କରିଥିଲେ। ଏହି କୃଷିନୀତି କୃଷିକୁ ଶିଳ୍ପର ମାନ୍ୟତା ଦେଇଥିଲା। କୃଷି କ୍ଷେତ୍ରରେ ଶତକଡା ୪ ଅଭିବୃଦ୍ଧି ଓ ଚିରସ୍ଥାୟୀ କୃଷି ବିକାଶ, ସମନ୍ୱିତ କୃଷି, ଜୈବ କୃଷି, କୃଷି ପ୍ରକ୍ରିୟାକରଣ ଓ କୃଷି ସଂପ୍ରସାରଣର ପୁର୍ନବିନ୍ୟାସ ମାଧ୍ୟମରେ କୃଷକଙ୍କର ଆର୍ଥିକ ସ୍ଥିତିର ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇ ୨୦୦୮ ମସିହାରେ ଦ୍ୱିତୀୟ କୃଷି ନୀତି ପ୍ରଣୟନ କରାଯାଇଥିଲା।

କୃଷକଙ୍କ ଆୟବୃଦ୍ଧି ଓ ସାମାଜିକ ମଙ୍ଗଳକୁ ସର୍ବାଧିକ ଗୁରୁତ୍ୱ ଦେବା ନିମନ୍ତେ ତୃତୀୟ କୃଷିନୀତି ୨୦୧୩ ମସିହାରେ ପ୍ରଣୟନ କରାଗଲା। ରାଜ୍ୟ ସରକାର ତାର ଚତୁର୍ଥ କୃଷିନୀତି ୨୦୨୦ ପ୍ରକାଶ କରିଛନ୍ତି। ଯେଉଁଥିରେ କୃଷି ବିଭାଗର ପଞ୍ଚବାର୍ଷିକ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି।

## କୃଷି ନୀତିର ଲକ୍ଷ୍ୟ

କୃଷକମାନଙ୍କ ମଙ୍ଗଳ, ନିରନ୍ତର ଆୟବୃଦ୍ଧି ଓ ନିଶ୍ଚିତ ପୁଷ୍ଟିସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରି ଓଡିଶାର କୃଷି କ୍ଷେତ୍ରରେ ସମ୍ଭାବନାକୁ ପରିସ୍ଫୁଟନ କରିବା ବର୍ତ୍ତମାନ କୃଷିନୀତିର ମୂଳ ଲକ୍ଷ୍ୟ।

## କୃଷି ନୀତିର ଉଦ୍ଦେଶ୍ୟ

ଏହି କୃଷି ନୀତି କୃଷକମାନଙ୍କ ମଙ୍ଗଳ ନିମିତ୍ତ ଉଦ୍ଦିଷ୍ଟ ଏବଂ ଆଗାମୀ ପାଞ୍ଚ ବର୍ଷରେ ନିମ୍ନଲିଖିତ ଉଦ୍ଦେଶ୍ୟ ସାଧନ ଉପରେ ଗୁରୁତ୍ୱ ପ୍ରଦାନ କରୁଛି ;

- କୃଷକମାନଙ୍କ ଆୟର ନିରନ୍ତର ଅଭିବୃଦ୍ଧି ନିଶ୍ଚିତ କରିବା
- କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀମାନଙ୍କର ଅନ୍ତର୍ଭୁକ୍ତ ମୂଳକ ବିକାଶ ପ୍ରକ୍ରିୟାକୁ ସୁଦୃଢ କରିବା
- କୃଷି ଅଭିବୃଦ୍ଧିର ନିଶ୍ଚିତ ଚିରନ୍ତନ, ସ୍ଥାୟୀ ଓ ବିସ୍ତାରିତ ପ୍ରକ୍ରିୟାକୁ ନିଶ୍ଚିତ କରାଇବା।

### କୃଷି ନୀତିର ଅଷ୍ଟସ୍ତମ୍ଭ

ଏହି କୃଷି ନୀତିରେ ବିଭାଗଭିତ୍ତିକ ଯୋଜନା ଏହି ଅଷ୍ଟସ୍ତମ୍ଭ 'ସମୃଦ୍ଧି' ଉପରେ ପର୍ଯ୍ୟବେସିତ

## ଓଡ଼ିଶାର କୃଷି ଲକ୍ଷ୍ୟ ସାଧନର ପ୍ରମୁଖ ଉପାଦାନ

ଓଡିଶା କୃଷି ଲକ୍ଷ୍ୟ ସାଧନ ପାଇଁ ପ୍ରମୁଖ ଉପାଦାନ ଗୁଡିକ ହେଲା (SAMRUDHI)

- S – ଉଦ୍ଦେଶ୍ୟ ସାଧନ ନିମନ୍ତେ ବିଜ୍ଞାନ(Science) ଓ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ
- A – ଜଳବାୟୁ ପରିବର୍ତ୍ତନ ସହ ଖାପ ଖୁଆଇବା (Adaptation)
- M – କୃଷି ଉତ୍ପାଦ ପାଇଁ ବଜାର (Market) (ଘରୋଇ ଓ ଆର୍ନ୍ତଜାତିକ), ଭୌତିକ ଓ ଅର୍ଥନୈତିକ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ କୃଷି ବଜାର
- R – ଉତ୍ପାଦକତା ବୃଦ୍ଧି ନିଶ୍ଚିତ କରିବା ନିମନ୍ତେ ସମ୍ବଳ (Resource)ର ସୁବିନିଯୋଗ
- U – ବ୍ୟାପକ (Upscaling) ଭିତ୍ତିଭୂମି (Infrastructure) ନିର୍ମାଣ
- D – ଉଚ୍ଚ ମୂଲ୍ୟଯୁକ୍ତ କୃଷି ଉତ୍ପାଦନ ନିମନ୍ତେ ଫସଲ ବିବିଧିକରଣ (Diversification)
- H – ମାନବସମ୍ବଳ (Human Resource)ର ଉନ୍ନତି ଓ ଦକ୍ଷତା ବିକାଶ
- I - ଅନୁଷ୍ଠାନଗୁଡିକୁ (Institutions) ସୁଦୃଢ କରିବା

ଗଣ୍ଡେଖାଇ ଦଣ୍ଡେ ଜିଇଁବା ଲକ୍ଷ୍ୟରେ କୃଷିନୀତି ପ୍ରଣୟନ ନକରି ସମାନ୍ତରାଳ ଓ ପ୍ରଗତିଶୀଳ ଭାବେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିବା ଏହି କୃଷିନୀତିର ଲକ୍ଷ୍ୟ ଅଟେ।

## ପ୍ରମୁଖ କାର୍ଯ୍ୟକ୍ରମ

- କୃଷି ସାମଗ୍ରୀ, ତାହାର ଉତ୍ପାଦନ ଓ ବଜାର ସହିତ ସଂଯୁକ୍ତିକରଣ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା
- ଧାନ ଉତ୍ପାଦନର ନିରନ୍ତର ବୃଦ୍ଧି ଏବଂ ଉଚ୍ଚ ମୂଲ୍ୟଯୁକ୍ତ କୃଷିର ବିବିଧିକରଣକୁ ପ୍ରାଧାନ୍ୟ ଦିଆଯାଇଛି।
- କୃଷି ସାଧନ ଯଥା : ଭୂମି, ଜଳ ଓ ମୃତ୍ତିକାର ଦକ୍ଷ ବ୍ୟବହାର ଏବଂ ପରିବେଶ ଉପଯୋଗୀ ହେବା ପାଇଁ ଉତ୍ସାହିତ କରାଯାଇଛି।
- କୃଷିଜାତ ଦ୍ରବ୍ୟର ଉତ୍ତମ ମୂଲ୍ୟ ପାଇଁ ଉତ୍ପାଦିତ ସାମଗ୍ରୀକୁ ପରିଷ୍କାର କରିବା, ବର୍ଗୀକରଣ କରିବା ଏବଂ ପ୍ରକ୍ରିୟାକରଣକୁ ପ୍ରୋତ୍ସାହିତ କରିବା।
- ବିଶେଷ ଭାବରେ ପନିପରିବା, ଫଳ, ଦୁଗ୍ଧ, ମାଂସ ଇତ୍ୟାଦିର ମୂଲ୍ୟ ଶୃଙ୍ଖଳ ସୃଷ୍ଟି କରିବା ଏହି କୃଷି ନୀତିର ମୂଳଲକ୍ଷ୍ୟ।
- କୃଷି ଉତ୍ପାଦ ସଂଗଠନ ମାଧ୍ୟମରେ କୃଷକମାନଙ୍କ ଏକତ୍ରିକରଣକୁ ଉତ୍ସାହିତ ନିମନ୍ତେ ।
- ପ୍ରାକ ଓ ଅମଳ ପରବର୍ତ୍ତୀ ପରିଚାଳନା କରି ଅପଚୟ କମ୍ କରିବା।
- ଜଳବାୟୁ ପରିବର୍ତ୍ତନକୁ ଖାପଖୁଆଇବା ପରି ଜ୍ଞାନ କୌଶଳ, ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଓ ପରିଚାଳନା।
- ଯୋଜନା ପ୍ରଣୟନ ଓ ପର୍ଯ୍ୟାଲୋଚନା ନିମନ୍ତେ ବିଭିନ୍ନ ତଥ୍ୟ (ଡାଟା) ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବା।
- ବିଭିନ୍ନ କେନ୍ଦ୍ରୀୟ ଯୋଜନା ଗୁଡିକର ସଫଳ ରୂପାୟନ କରିବା।

## ପଞ୍ଚବାର୍ଷିକ ଲକ୍ଷ୍ୟ

୧. ଜମି ଜମା ରେକର୍ଡ ସଂକ୍ରାନ୍ତୀୟ ତଥ୍ୟର ଶତପ୍ରତିଶତ ନିୟମିତ ନବୀକରଣ (updation) ଓ ଅଙ୍କିକରଣ (digitization) କରିବା।

୨. କାଳିଆ ଯୋଜନାରେ ସାମିଲ ହୋଇଥିବା ଓ ବାଦ ପଡିଥିବା ହିତାଧିକାରୀମାନଙ୍କୁ ଚିହ୍ନଟ କରି ତ୍ରୁଟିଶୂନ୍ୟ ତାଲିକା ପ୍ରସ୍ତୁତ କରିବା ଓ ପ୍ରତ୍ୟେକ ଯୋଗ୍ୟ କୃଷି ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଲାଗି ନିଶ୍ଚିତ କରାଇବା।

୩. ଡି.ବି.ଟି (ସିଧାସଳଖ ସହାୟତା ପ୍ରେରଣ)ର ଶତପ୍ରତିଶତ କାର୍ଯ୍ୟାନ୍ୱୟନ ଏବଂ ସରକାରୀ କାର୍ଯ୍ୟକ୍ରମର ଇଲେକ୍ଟ୍ରୋନିକ ମାଧ୍ୟମରେ ତଦାରଖ କରିବା।

୪. ଓଡ଼ିଶାର ସମସ୍ତ କୃଷକ, ଶ୍ରମିକ, ପ୍ରଜାଚାଷୀ ଓ ଭାଗଚାଷୀଙ୍କର ଶତପ୍ରତିଶତ ଡିଜିଟାଲ ଡାଟାବେସ୍ ପ୍ରସ୍ତୁତ କରିବା।

୫. ରାଜ୍ୟର ଅନ୍ୟୁନ ଶତକଡା ୭୫ ଭାଗ ଚାଷୀଙ୍କୁ ଫସଲ ବୀମାଭୁକ୍ତ କରାଇବା।

୬. ଅନ୍ୟୁନ ୫ ଲକ୍ଷ ହେକ୍ଟର ପଡିଆ ଜମିକୁ ଚାଷୋପଯୋଗୀ କରାଇବା।

୭. ବାର୍ଷିକ ଅନ୍ତତଃ ୧ ଲକ୍ଷ ହେକ୍ଟର ଢିପ ଜମିକୁ ଉଚ୍ଚ ମୂଲ୍ୟଯୁକ୍ତ କୃଷିକୁ ପରିବର୍ତ୍ତିତ କରାଇବା।

୮. ରବିଋତୁରେ ଚାଷ ହେଉଥିବା ସମୁଦାୟ ଜମିରୁ ୨.୩ ନିୟୁତ ହେକ୍ଟରରେ କିଛି ଅଂଶ ଡାଲିଜାତୀୟ ଫସଲରୁ ଉଦ୍ୟାନଭିତ୍ତିକ ଫସଲ ଚାଷରେ ପରିବର୍ତ୍ତିତ କରିବ।

୯. ଅନ୍ୟୁନ ୦.୧ ମିଲିଅନ୍ ହେକ୍ଟର ଜମିକୁ ଅଣୁ ଜଳସେଚନ ବ୍ୟବସ୍ଥାରେ ସେଚ ଜଳ ଯୋଗାଇବା

୧୦. ଜଳସେଚନର କ୍ଷମତା ବୃଦ୍ଧି - ବ୍ୟବହୃତ ଜଳସେଚନ ଓ ନିର୍ମିତ ଜଳସେଚନ କ୍ଷମତାର ଅନୁପାତ ଯାହା ବର୍ତ୍ତମାନ ଶତକଡା ୪୩ ଭାଗ ଅଛି ତାହାକୁ ଅନ୍ୟୁନ ଶତକଡା ୭୦ ଭାଗକୁ ବୃଦ୍ଧି କରିବା।

୧୧. ତୈଳବୀଜ, ଖାଦ୍ୟଶସ୍ୟ ଯଥା ମକା ଆଦି କ୍ଷେତ୍ରରେ ମୋଟ ଉତ୍ପାଦନର ଅନ୍ୟୁନ ଶତକଡା ୨୫ ଭାଗ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯିବ।

୧୨. ଗୋପାଳନ ନିମନ୍ତେ, ସଂଗଠିତ ପ୍ରଜନନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଏବଂ ଆଗାମୀ ୫ ବର୍ଷରେ ଅନ୍ୟୁନ ୧.୫ ମିଲିୟନ ପ୍ରଜନନକ୍ଷମ ପ୍ରାଣୀମାନଙ୍କୁ ଏଥିରେ ସାମିଲ କରାଯିବ।

ଏହି କୃଷିନୀତି ଏକ ଉତ୍ତମ ଶାସନ ବ୍ୟବସ୍ଥାର ଲକ୍ଷ୍ୟରେ ପ୍ରସ୍ତୁତ ହୋଇଛି ଯେଉଁଥିରେ ଚାଷୀଭାଇମାନେ ଦକ୍ଷ, ସମୟାନୁବର୍ତ୍ତୀ, ବାସ୍ତବବାଦୀ ଓ କ୍ରିୟାଶୀଳ ହୋଇପାରିବେ, ଯାହାକି ୫-ଟି ଯଥା- ବୈଷୟିକଜ୍ଞାନ, ଦଳଗତ କାର୍ଯ୍ୟ, ସମୟ, ସ୍ୱଚ୍ଛତା ଏବଂ ସ୍ୱରୂପ ପରିବର୍ତ୍ତନର ମୌଳିକ ଆଧାର। ୫-ଟି ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ ଏହି କୃଷିନୀତିରେ ଆଗାମୀ ପାଞ୍ଚ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟଧାରାର ତାଲିକା ପ୍ରସ୍ତୁତ କରାଯାଇଛି।

ସମୃଦ୍ଧି କୃଷି ନୀତି-୨୦୨୦ର ମୁଖ୍ୟାଂଶ ନିମ୍ନରେ ପ୍ରଦତ୍ତ ହୋଇଛି।

## ନୀତି ନିର୍ଦ୍ଧାରଣ ସମ୍ବନ୍ଧୀୟ ସୁପାରିଶ

୧) ରାଜ୍ୟର ନିର୍ଦ୍ଧାରିତ ଉତ୍ପାଦନ ସମୂହ/ପୁଞ୍ଜମାନଙ୍କରେ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ସହ ବଜାରର ସଂଯୋଗୀକରଣ କରାଯିବ। ଏଥିସକାଶେ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରାଯାଇ ଜିଲ୍ଲା ସ୍ତରରେ କୃଷି ବିଭାଗ ଦ୍ୱାରା କୃଷି ପରିବେଶ ସମ୍ବନ୍ଧୀୟ ମାନଚିତ୍ର ପ୍ରସ୍ତୁତ କରାଯିବ ଏବଂ ଏହା ଜିଲ୍ଲାସ୍ତରରେ ଯୋଜନା ପ୍ରସ୍ତୁତିର ଆଧାର ହେବ ଯାହାକି ଜିଲ୍ଲାରେ ଏକ ଆଦର୍ଶ ଫସଲ ପର୍ଯ୍ୟାୟ ନିର୍ଣ୍ଣୟ କରିବାରେ ସହାୟକ ହେବ।

ଏହି ଆଞ୍ଚଳିକ ଉତ୍ପାଦନ ଅଞ୍ଚଳ ଏବଂ ପୁଞ୍ଜ (ପୂର୍ଣ୍ଣ ବା କ୍ଷୁଦ୍ର ସମୂହ) ଗୁଡ଼ିକୁ ସହାୟତା ଆକାରରେ ଭିତ୍ତିଭୂମି ପୁଞ୍ଜିଲଗାଣ ଏବଂ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନା ଓ କାର୍ଯ୍ୟକ୍ରମ ତଥା ବେସରକାରୀ ସଂସ୍ଥାରୁ ସହାୟତା

ପାଇପାରିବେ। ଏହି ଉତ୍ପାଦନ ପୁଞ୍ଜ/ ସମୂହ ସବୁ ବଜାର ସହ ସଂଯୋଗ ହେବେ ଏବଂ ଏକ ଦକ୍ଷ ମୂଲ୍ୟ ଶୃଙ୍ଖଳ ପ୍ରସ୍ତୁତ ହେବ, ଯଦ୍ୱାରା ଚାଷୀମାନେ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇ ପାରିବେ।

୨) ବିଶେଷଜ୍ଞ ଅନୁଷ୍ଠାନ ଓ ପ୍ରଯୁଜ୍ୟ ସରକାରୀ ବିଭାଗଙ୍କ ପରାମର୍ଶ କ୍ରମେ ରାଜ୍ୟରେ ଜମିର ସାମର୍ଥ୍ୟ ମୁତାବକ ବିଭାଗୀକରଣ ଏବଂ ମୃତ୍ତିକା ଖାଦ୍ୟସାର ମାନଚିତ୍ର ପ୍ରସ୍ତୁତ କରାଯିବ।

୩) ସାଧାରଣ ଭିତ୍ତିଭୂମି ସୁବିଧା ଥାଇ, କୃଷି ବିଭାଗ ଓ ପ୍ରକ୍ରିୟାକୃତ ଖାଦ୍ୟ ରପ୍ତାନୀ ଉନ୍ନୟନ ପ୍ରାଧିକରଣ (APEDA) ସହାୟତାରେ ରପ୍ତାନୀ ଭିତ୍ତିକ ପୁଞ୍ଜ ପ୍ରସ୍ତୁତ କରାଯିବ।

୪) ଆଦର୍ଶ ଚୁକ୍ତିଭିତ୍ତିକ କୃଷି ଆଇନ-୨୦୧୮କୁ ଅବଲମ୍ବନ କରାଯିବାକୁ ଉଦ୍ୟମ କରାଯିବ ଏବଂ ଏହାର ସୁପରିଚାଳନା ଓ ତ୍ୱରିତ ବିବାଦ ସମାଧାନ ପଦ୍ଧତି ନିମନ୍ତେ ବ୍ୟବସ୍ଥା କରାଯିବ।

୫) ରାଜ୍ୟର ଆବଶ୍ୟକତା ଅନୁସାରେ ଆଦର୍ଶ କୃଷି ଉତ୍ପାଦ ଓ ପ୍ରାଣୀଧନ ବିପଣନ ଆଇନ୍ (APLM) ୨୦୧୭କୁ ସଂଶୋଧନ କରାଯାଇ କାର୍ଯ୍ୟକାରୀ କରାଯିବ।

୬) ଆବଶ୍ୟକୀୟ ସଂଶୋଧନ କରାଯାଇ ଆଦର୍ଶ କୃଷି ଭୂମି ଭଡ଼ା ଆଇନ-୨୦୧୬କୁ ଗ୍ରହଣ କରାଯିବ। ଜମି ମାଲିକଙ୍କ ଅଧିକାରର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ।

୭) ବିଭିନ୍ନ ଜିନିଷର ଇ-ବାଣିଜ୍ୟ ବ୍ୟବସ୍ଥାକୁ eNAM ପୋର୍ଟାଲ ମାଧ୍ୟମରେ ପ୍ରୋତ୍ସାହିତ କରାଯିବ।

୮) ଏକ ସ୍ଥିର ଓ ଦୂରଦର୍ଶୀ ନୀତି ପରିବେଶ ପ୍ରସ୍ତୁତି କରିବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ - ୧୯୫୫ର ବିଜ୍ଞପ୍ତିକୁ ପୁନଃସମୀକ୍ଷା କରାଯିବ।

୯) 'FUTURES' ଓ 'OPTIONS' ପରି ବିତ୍ତିୟ ସାଧନକୁ ଉପଯୋଗ କରାଯିବ। ଯଦ୍ୱାରା ମକା ଫସଲ ଭଳି ଘରୋଇ ଓ ଆନ୍ତର୍ଜାତୀୟ ଚାହିଦା ଥିବା ଫସଲର ବଜାର ସୃଷ୍ଟି କରାଯାଇପାରିବ।

୧୦) ଅପେକ୍ଷାକୃତ ଗରୀବ ଚାଷୀ ଅବସ୍ଥାନ କରୁଥିବା ବୃଷ୍ଟିପୁଷ୍ଟ ଅଞ୍ଚଳର କୃଷି ସମସ୍ୟା ସବୁର ସମାଧାନ ପାଇଁ ଏକ ପୃଥକ ୱିଣ୍ଡୋ (window) ପ୍ରସ୍ତୁତ କରାଯିବ।

୧୧) ରାଜ୍ୟ ପାଇଁ ଏକ ନୂତନ 'ଫସଲର ରୋଗ ପୋକ ପରିଚାଳନା ନୀତି' ପ୍ରଣୟନ କରାଯିବ ଓ ଏହାଦ୍ୱାରା ସେଥିରେ ତଥ୍ୟ ସମ୍ବଳିତ ସମନ୍ୱିତ ରୋଗ ପୋକ ପରିଚାଳନା ପାଇଁ ସୁଯୋଗ ରହିବ।

୧୨) 'କାଳିଆ' ଯୋଜନାର ସଫଳତା ଆଧାରରେ କୃଷି ଆନୁସଙ୍ଗିକ କ୍ଷେତ୍ର ଯଥା ଗୋପାଳନ, ପକ୍ଷୀପାଳନ, ମହୁମାଛି ପାଳନ ଆଦିକୁ ଏହି କୃଷିନୀତିରେ ପ୍ରୋତ୍ସାହନ ଦିଆଯିବ। ପୁନଶ୍ଚ କୃଷିନୀତିରେ ଏକ ସମନ୍ୱିତ ପ୍ରଦ୍ଧତିରେ କୃଷି ଶ୍ରମିକ ମାନଙ୍କୁ ତାଲିମ ପ୍ରଦାନ କରାଯିବା ସହିତ କ୍ରିୟାଶୀଳ ଓ ଉପଯୋଗୀ ବଳିଷ୍ଠ ଏବଂ ଫଳପ୍ରଦ କୃଷି ସଂପ୍ରସାରଣ ପଦ୍ଧତି, ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ଗୁଣାତ୍ମକ ମାନର ସାମଗ୍ରୀ ଯୋଗାଣ, ଏବଂ ଉପଯୁକ୍ତ ବଜାର ବ୍ୟବସ୍ଥାର ଉପଲବ୍ଧି ପାଇଁ ସମନ୍ୱୟ ରଖାଯିବ।

୧୩) ଓଡିଶାର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ପାଇଁ କୃଷି ଯାନ୍ତ୍ରିକୀକରଣରେ ସହାୟତା ନିମନ୍ତେ ଏକ ନୂତନ ସହାୟତା ପଦ୍ଧତି ପ୍ରସ୍ତୁତ କରାଯିବ। ଏହି ପଦ୍ଧତିରେ କୃଷି ଉପକରଣର ଭଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଏହା ବାବଦକୁ ହେଉଥିବା ଖର୍ଚ୍ଚରେ ରିହାତି ରାଜ୍ୟ ସରକାର ଡି.ବି.ଟି. ମାଧ୍ୟମରେ ପ୍ରଦାନ କରିବାର ବ୍ୟବସ୍ଥା କରିବେ।

୧୪) ଆଗାମୀ ଦୁଇ ବର୍ଷରେ ସମସ୍ତ ଦୁଧିଆଳୀ ପ୍ରାଣୀମାନଙ୍କୁ ଟ୍ୟାଗ୍ ଦିଆଯାଇ ଚିହ୍ନଟ କରାଯିବ ଏବଂ ସମସ୍ତ ପ୍ରାଣୀଧନକୁ ବୀମାଭୁକ୍ତ କରାଯାଇ ବୀମା ପ୍ରିମିୟମ ଉପରେ ସରକାର ଅନ୍ତତଃ ୫୦ ଭାଗ ରିହାତିର ବ୍ୟବସ୍ଥା କରିବେ।

୧୫) ବର୍ତ୍ତମାନ ରାଜ୍ୟର କୃଷି ଗବେଷଣା ବିକାଶ ଓ ସଂପ୍ରସାରଣ ସଂସ୍ଥାର ଆଭିମୁଖ୍ୟ, ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧିକୁ ପରିବର୍ତ୍ତନ କରାଯାଇ ମୂଲ୍ୟ ଶୃଙ୍ଖଳ ଆଧାରିତ ବା ବଜାର ଆଧାରିତ କରାଯିବ। କୃଷି କ୍ଷେତ୍ରର ପ୍ରତ୍ୟେକ ପଦକ୍ଷେପ ଯଥା ଫସଲ ଯୋଜନା, ବିହନ, ଜମି ପ୍ରସ୍ତୁତି, ବିହନ ଲଗାଇବା ଠାରୁ ଆରମ୍ଭ କରି ଅନ୍ତଃଚାଷ, ଖାଦ୍ୟସାର ଓ କୀଟରୋଗ ପରିଚାଳନା, ତୃଣକ ପରିଚାଳନା, ଅମଳ, ଅମଳ ପରବର୍ତ୍ତୀ ଯତ୍ନ, ଶସ୍ୟ ସାଇତା ଏବଂ ପ୍ରକ୍ରିୟାକରଣ ତଥା ବିପଣନ ଆଦି ବୈଜ୍ଞାନିକମାନଙ୍କ ପାଇଁ ଗବେଷଣାର ଏକ ବିଷୟବସ୍ତୁ ଭାବେ ରହିବ ଏବଂ ସଂପ୍ରସାରଣ କର୍ମୀମାନଙ୍କୁ ତାଲିମ ପ୍ରଦାନର ଏକ ଅଂଶବିଶେଷ ହେବ। କୃଷିର ପ୍ରତ୍ୟେକ ସୋପାନର କାର୍ଯ୍ୟକ୍ଷମତାକୁ ନିଶ୍ଚିତ କରୁଥିବା ପଦ୍ଧତି ଓ ବୈଷୟିକ ଜ୍ଞାନ ନିରୂପଣ କରିବା ଦିଗରେ ଗୁରୁତ୍ୱ ପ୍ରଦାନ କରାଯିବ।

୧୬) ସଂପ୍ରସାରଣ ପଦ୍ଧତିକୁ ଅଧିକ ଶକ୍ତିଶାଳୀ କରିବାକୁ ଯୋଜନାବଦ୍ଧ ଗବେଷଣା ସଂପ୍ରସାରଣ ଯୋଜନା (Strategic Research Extension Plan - SREP) ପ୍ରସ୍ତୁତ କରାଯିବ। ଏହା ବ୍ଲକ ଓ ଜିଲ୍ଲାସ୍ତରରେ ନିମ୍ନସ୍ତରରୁ ଯୋଜନା ପ୍ରସ୍ତୁତିରେ ସହାୟକ ହେବ।

୧୭) ଫସଲ ବୀମା ଯୋଜନା/ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ସଂପ୍ରସାରିତ କରି ବୀମାଭୁକ୍ତ ଫସଲ ଓ ଆୟତନ ବୃଦ୍ଧି କରାଯିବ। ଯେଉଁଠାରେ ବି ସମ୍ଭବ ହେବ ପାଣିପାଗ ଭିତ୍ତିକ ଫସଲବୀମାକୁ ପ୍ରୋତ୍ସାହିତ କରାଯିବ।

୧୮) ଭାରତ ସରକାର ଓ ବୀମା କମ୍ପାନୀମାନଙ୍କ ସହ ଆଲୋଚନା କରାଯାଇ ପନିପରିବା ଓ ଫଳ ଚାଷ ପାଇଁ ଏକ ବ୍ୟାପକ ତଥା ପୃଥକ ବୀମା ପ୍ରବର୍ତ୍ତନ କରାଯିବ।

୧୯) ସମସ୍ତ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କୌଶଳ / ଯୋଜନା ଗୁଡିକରେ ଅଗ୍ରୀମ ପ୍ରସ୍ତୁତି, ପ୍ରତିରୋଧ ଓ ଥଇଥାନ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ।

୨୦) ଶାସନ ବ୍ୟବସ୍ଥାର ଉନ୍ନତି ଏହି ନୀତି କାର୍ଯ୍ୟାନ୍ୱୟନ କରିବାରେ ପ୍ରମୁଖ ଭୂମିକା ତୁଲାଉଥିବା ଲକ୍ଷ୍ୟ କରାଯାଇଛି। ତେଣୁ ବିଭିନ୍ନ ସରକାରୀ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ଏକ ବଳିଷ୍ଠ ପ୍ରଶାସନିକ ବ୍ୟବସ୍ଥା ପ୍ରସ୍ତୁତ କରାଯିବ। ଗ୍ରାମ, ଗ୍ରାମପଞ୍ଚାୟତ ଓ ବ୍ଲକର ସମସ୍ତ କାର୍ଯ୍ୟକୁ ଗୋଟିଏ ସ୍ଥାନରେ କେନ୍ଦ୍ରିଭୂତ କରାଯିବ ଯାହା ଫଳରେ ଚାଷୀମାନେ ଗୋଟିଏ ସ୍ଥାନରୁ ସମସ୍ତ ସୁବିଧା ପାଇପାରିବେ।

୨୧) ତଳା/ନିମ୍ନ ସ୍ତରରେ ଏହି ଏକୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ବ୍ଲକସ୍ତରର ସମସ୍ତ କୃଷି, ଉଦ୍ୟାନକୃଷି, ପ୍ରାଣୀସଂପଦ, ମତ୍ସ୍ୟ ବିକାଶ, କୃଷି ବିପଣନ ଓ ଅନ୍ୟ ପ୍ରଯୁଜ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ନିମନ୍ତେ ଏକ ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରଯୁକ୍ତିବିଦ୍ୟା ଯୁକ୍ତ ସମନ୍ୱିତ କାର୍ଯ୍ୟାଳୟ ସ୍ଥାପନ କରାଯିବ।

୨୨) ଯୋଜନାର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ, କୃଷି ସମ୍ପର୍କିତ ଦିଆଯାଉଥିବା ଅନୁଦାନକୁ ତାର ଫଳାଫଳ ଆଧାରରେ ମୂଲ୍ୟାୟନ କରାଯିବ। ଏଥି ପାଇଁ ପର୍ଯ୍ୟବେକ୍ଷଣ ବା ଯାଞ୍ଚ ବ୍ୟବସ୍ଥା ଗ୍ରହଣ କରାଯିବ ଓ କୃଷି ତଥା ଆନୁସଙ୍ଗିକ ବିଭାଗର କାର୍ଯ୍ୟଦକ୍ଷତା ଅନୁଶୀଳନ କରିବାକୁ ଭିତ୍ତିଭୂମି ପ୍ରସ୍ତୁତ କରାଯିବ ଏବଂ ଯଦି କୌଣସି ତ୍ରୁଟି ବା ବିଫଳତା ଲକ୍ଷ୍ୟ କରାଯାଏ ତାର ସଂଶୋଧନ ପାଇଁ ବ୍ୟବସ୍ଥା କରାଯିବ।

୨୩) ଓଡ଼ିଶାର ବିକେନ୍ଦ୍ରିକୃତ ଶାସନ ବ୍ୟବସ୍ଥା ଯେଉଁଥିରେ ଗ୍ରାମପଞ୍ଚାୟତ ସମସ୍ତ ପ୍ରମୁଖ ଉନ୍ନୟନମୂଳକ ଯୋଜନା ବା କାର୍ଯ୍ୟକ୍ରମ ପରିଚାଳନା କରିଥାଏ ସେଥିରେ ଉଦ୍ଦେଶ୍ୟ ସାଧନ ନିମନ୍ତେ ସଦ୍ୟ ପ୍ରଚଳିତ ନୀତିକୁ ସଠିକ୍ ଓ ଦକ୍ଷତାର ସହ କାର୍ଯ୍ୟାନ୍ୱୟନ କରାଯିବ।

୨୪) କୃଷି କୌଶଳର ସ୍ୱରୂପ ପରିବର୍ତ୍ତନ ଓ ଏକ ଉନ୍ନତ କୃଷିନୀତି ପ୍ରସ୍ତୁତି ପାଇଁ ତଥ୍ୟ ଓ ବୈଷୟିକ ତଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ।

୨୫) ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉପୁଜୁଥିବା ସମସ୍ୟାର ସମାଧାନ ସହିତ କୃଷକଙ୍କ ଆୟ ବୃଦ୍ଧି କରିବା ଓ ସେମାନଙ୍କର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ନେଇ 'ଓଡ଼ିଶା ଜୈବ କୃଷି ନୀତି-୨୦୧୮'କୁ କାର୍ଯ୍ୟାନ୍ୱୟନ କରାଯିବ। ଜୈବ କୃଷି ଆୟତନ ଆଗାମୀ ପାଞ୍ଚ ବର୍ଷରେ ୨୦,୮୦୦ ହେକ୍ଟରରୁ ଅନ୍ୟୁନ୨,୦୦,୦୦୦ ହେକ୍ଟରକୁ ବୃଦ୍ଧି କରାଯିବ।

## କାର୍ଯ୍ୟସମ୍ବନ୍ଧୀୟ ସୁପାରିଶ (Operational Recommendation)

୧) ଅଗ୍ରାଧିକାର ଭିତ୍ତିରେ ବଜାର ବ୍ୟବସ୍ଥାକୁ କୃଷକଙ୍କ ନିକଟରେ ପହଞ୍ଚାଇବା ପାଇଁ ଗ୍ରାମୀଣ କୃଷି ବଜାର (GrAMs) ପ୍ରତିଷ୍ଠା କରାଯିବ।

୨) କୃଷକ ଉତ୍ପାଦକ ଗୋଷ୍ଠୀକୁ ପ୍ରୋତ୍ସାହିତ କରିବା: SFAC ଓ NABARD ସହାୟତା ଜରିଆରେ କୃଷକ ଉତ୍ପାଦକ କମ୍ପାନୀ ଗୁଡ଼ିକୁ ଆର୍ଥିକ ତଥା ବୈଷୟିକ ସହାୟତା ପ୍ରଦାନ କରାଯିବ।

୩) କୃଷକଙ୍କୁ ବ୍ୟବସାୟୀ କିମ୍ବା କୃଷି ଉଦ୍ୟୋଗପତି ରୂପେ ପ୍ରୋତ୍ସାହନ ଦେବାକୁ ସରକାର ତାଙ୍କର ଆଭିମୁଖ୍ୟ ବଦଳେଇ ସାରିଲେଣି। ଏହା କୃଷି କ୍ଷେତ୍ରରେ ଶୀଘ୍ର ଆଧୁନିକୀକରଣ ଆଣିବାରେ ସଫଳ ହେବ। ଏହି କ୍ଷେତ୍ରରେ 'ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜି ଲଗାଣ ନିଗମ ଲିଃ (ଆପିକଲ)' ମୁଖ୍ୟ ଭୂମିକା ଗ୍ରହଣ କରିବ।

୪) ଗୋଟିଏ ମୂଲ୍ୟ-ଶୃଙ୍ଖଳ ନୀତି ଗ୍ରହଣ କରାଯିବ ଓ ଯେଉଁଠାରେ ସମ୍ଭବ ଉତ୍ପାଦନ ସମୂହ(Cluster)କୁ ସଂଯୋଗ କରାଯିବ।

୫) ପ୍ରତ୍ୟେକ ବର୍ଷ ଓ ବର୍ଷ ମଧ୍ୟରେ ବିଭିନ୍ନ ସମୟରେ ଫସଲ ଯୋଗାଣ ସମ୍ବନ୍ଧୀୟ ଅସ୍ଥିରତା ଦୂର କରିବାରେ ଫସଲ ପ୍ରକ୍ରିୟାକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।

୬) କୃଷି କ୍ଷେତ୍ରରେ ବଜାର ଅନୁଧ୍ୟାନ (Market Intelligence) ଉପରେ କୃଷି ନୀତି ଅଧିକ ଗୁରୁତ୍ୱ ପ୍ରଦାନ କରୁଛି। କୃଷକମାନଙ୍କୁ ପ୍ରମୁଖ ଫସଲ ଗୁଡ଼ିକର ପ୍ରଚଳିତ ଓ ଆଗୁଆ ବଜାର ଦରର ତଥ୍ୟ ପ୍ରଦାନ ପାଇଁ ଏକ ବଜାର ଭିତ୍ତିକ ତଥ୍ୟ ପ୍ରଣାଳୀ (MIS) ପ୍ରସ୍ତୁତ କରାଯିବ। ଏକ ତଥ୍ୟ ଆଦାନ ପ୍ରଦାନକାରୀ ସ୍ଥିତି ସୂଚକ (Dashboard) ପ୍ରସ୍ତୁତ କରାଯିବ। ଏହାକୁ ପର୍ଯ୍ୟାୟକ୍ରମେ କରାଯିବ, ଯେଉଁଥିରେ ପ୍ରାଥମିକ ପର୍ଯ୍ୟାୟରେ ମୁଖ୍ୟ ଫସଲ ଓ ଉଦ୍ୟାନ କୃଷି ଭିତ୍ତିକ ପଣ୍ୟବସ୍ତୁ ଗୁଡ଼ିକର ତଥ୍ୟ ରହିବ।

୭) ଫଳ ଓ ପନିପରିବା ପାଇଁ ସଂକ୍ଷିପ୍ତ ମୂଲ୍ୟ-ଶୃଙ୍ଖଳକୁ ଉତ୍ସାହିତ ଓ ସହାୟତା କରାଯିବ।

୮) ଜମିଜମା ସଂକ୍ରାନ୍ତୀୟ ସୁବିଧାସୁଯୋଗ ଥିବା ଯୋଜନାର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ଜମିଜମା ତଥ୍ୟର ଅଙ୍କିକରଣ (Digitization) କରାଯିବ। ଜମିର ବାସ୍ତବ ସ୍ଥିତି ନିରୂପଣ ସହ ଜିଓ-ଟ୍ୟାଗିଙ୍ଗ୍ ସହ ସମସ୍ତ ଜମିଜମା ତଥ୍ୟର ଅନ୍‌ଲାଇନ୍ ପଞ୍ଜିକରଣ କରାଯିବ।

୯) ସନ୍ତୁଳିତ ସାର ପ୍ରୟୋଗକୁ ପ୍ରୋତ୍ସାହିତ କରାଯିବ। ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନାକୁ ସଂପ୍ରସାରିତ କରାଯିବ ଏବଂ ଏହାର ୱେବ୍ ପୋର୍ଟାଲକୁ ସମନ୍ୱିତ ସାର ପରିଚାଳନା ପଦ୍ଧତି (IFMS)ରେ ସଂଯୁକ୍ତ କରାଯିବ।

୧୦) ଗ୍ରାମ / ଗ୍ରାମପଞ୍ଚାୟତ ସ୍ତରରେ ପ୍ରତି ୩ ବର୍ଷରେ ମୃତ୍ତିକା ସ୍ୱାସ୍ଥ୍ୟ ସ୍ଥିତିକୁ ନିୟମିତ ନବୀକରଣ କରାଯିବ।

୧୧) ସ୍ୱଚ୍ଛ ଓ ସଠିକ୍ ବିତରଣ ନିମନ୍ତେ ରାସାୟନିକ ସାର ମୂଲ୍ୟ ଶୃଙ୍ଖଳକୁ ବ୍ୟବସ୍ଥିତ କରାଯିବ। ଏଥିପାଇଁ ଅନ୍ୟ ଜିନିଷ ସହ ଆଧାର (Aadhar) ସଂଯୋଗିତ ଇ-ପି.ଓ.ଏସ୍.(e-POS) ବ୍ୟବହୃତ ହେବ।

୧୨) ଉନ୍ନତ ଜଳ ନିଷ୍କାସନ, ନିଷ୍କାସନ ନଳୀ ସଫେଇ, ଫସଲ ପରିବର୍ତ୍ତନ, ଫସଲ ପର୍ଯ୍ୟାୟ ଓ ଅନ୍ୟାନ୍ୟ କୌଶଳ ମାଧ୍ୟମରେ ମାଟିର ଲବଣାଂସକୁ ଶୋଧନ କରାଯିବ।

୧୩) ବୃଷ୍ଟିପୁଷ୍ଟ ଅଞ୍ଚଳରେ (3M) ଦ୍ରବ୍ୟ(Matter), ଆର୍ଦ୍ରତା (Moisture), ଅଣୁଜୀବ (Microbes) ଢାଞ୍ଚାରେ ମୃତ୍ତିକା ପରିଚାଳନା କରାଯିବ।

୧୪) ଏକ କ୍ରିୟାଶୀଳ ବିହନ ଯୋଗାଣ ଓ ବିତରଣ ବ୍ୟବସ୍ଥା କରାଯିବ। ଏହା ଫସଲଭିତ୍ତିକ, ଅଞ୍ଚଳଭିତ୍ତିକ, ଋତୁଭିତ୍ତିକ ଓ ହେକ୍ଟର ପ୍ରତି ବିହନ ଉପଯୋଗ ପରିମାଣ ଉପରେ ପର୍ଯ୍ୟବସିତ ହେବ। ଏହା ଆବଶ୍ୟକ ବିହନ ପ୍ରତିବଦଳ ହାର(SRR), କିସମ ପ୍ରତିବଦଳ ହାର (VRR), ପୂର୍ବ ପ୍ରଚଳିତ ଧାରା ଓ ପୁରୁଣା କିସମ ବଦଳରେ ନୂଆ କିସମ ପ୍ରଚଳନ ଆଦିକୁ ଅଙ୍କିତ କରିବ।

୧୫) କୃଷକଙ୍କୁ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଜଳନିଧି ଯୋଜନାକୁ ପରିବର୍ଦ୍ଧିତ କରାଯିବ ଏବଂ ଜମିରେ ଜଳସେଚନ ଯୋଗାଣ ନିମନ୍ତେ ଆବଶ୍ୟକ ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ପାଇଁ ସୌରଚାଳିତ ପାଣିପମ୍ପକୁ ଉତ୍ସାହିତ କରାଯିବ। ସୌର ପ୍ୟାନେଲ ଗୁଡିକୁ ଗ୍ରିଡ ସହ ସଂଯୋଗ କରିବାକୁ ଉଦ୍ୟମ କରାଯିବ; ଯାହାକି କୃଷକଙ୍କୁ ଅତିରିକ୍ତ ଆୟ ଯୋଗାଇବ।

୧୬) ଜଳ ସଂରକ୍ଷଣ କୃଷିନୀତିର ମୁଖ୍ୟଲକ୍ଷ୍ୟ ରହିବ ଓ ଜଳ ଅପଚୟ କରୁଥିବା ସେଚ ପ୍ରଣାଳୀ ତଥା ଉତ୍ପାଦନ କୌଶଳ ଯେପରିକି ଧାନ ଜମିରେ ପ୍ଳାବିତ ଜଳସେଚନକୁ ନିରୁତ୍ସାହିତ କରାଯିବ। ଏଥିସହିତ ଉପଯୁକ୍ତ ବିକଳ୍ପ ବୈଷୟିକ କୌଶଳ ଚିହ୍ନିତ କରି ଚାଷୀମାନଙ୍କୁ ସଚେତନ କରାଯିବ।

୧୭) ପ୍ରଯୁକ୍ତିବିଦ୍ୟା ଆଧାରିତ ରୋଗ ପୋକ ପରିଚାଳନା ପଦ୍ଧତି ପ୍ରସ୍ତୁତ କରାଯିବ। ରୋଗ ପୋକର ଆଗୁଆ ସୂଚନା ଦେବାକୁ ଅତୀତ ଓ ବୈଜ୍ଞାନିକ ତଥ୍ୟ ତଥା ପାଣିପାଗ ତଥ୍ୟ ଆଧାରିତ ଏକ ମଡ଼େଲ ପ୍ରସ୍ତୁତ କରାଯିବ।

୧୮) କୀଟନାଶକ/ ଜୀବନାଶକ କଡ଼ାକଡ଼ି ଭାବେ ଗୁଣବତ୍ତା ଆଧାରରେ କ୍ରୟ କରାଯିବ। ଏହାର କାର୍ଯ୍ୟକାରିତା ବିଷୟରେ ଯାଞ୍ଚ ବ୍ୟବସ୍ଥା କରାଯିବ ଓ ନିମ୍ନମାନର କୀଟନାଶକ /ଜୀବନାଶକ ଗୁଡ଼ିକୁ ଅନୁମୋଦିତ ତାଲିକାରୁ ବାଦ୍ ଦିଆଯିବ।

୧୯) ସମସ୍ତ ଚାଷୀ ତଥା ଭାଗଚାଷୀଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ। ଏଥିପାଇଁ ଉପଯୁକ୍ତ ଅର୍ଥନୈତିକ ସାଧନ, ଋଣ ପ୍ରଦାନର ନୂତନ ପ୍ରଣାଳୀ ଓ ଅଧିକ ହିତାଧିକାରୀ ଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରାଯିବ। ପରିବର୍ତ୍ତିତ କିଷାନ କ୍ରେଡିଟ୍ କାର୍ଡ ଯୋଜନାର କାର୍ଯ୍ୟାନ୍ୱୟନର ନୀରିକ୍ଷଣ ଓ ଉନ୍ନତି କରାଯିବ।

୨୦) ପ୍ରାଣୀପାଳନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଏକ ଦୀର୍ଘମିଆଦୀ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରଜାତିକୁ ନେଇ ଏହାର ଉନ୍ନତି କରାଯିବାକୁ ଯୋଜନା କରାଯାଉଛି। ଦୁଧିଆଳୀ ପ୍ରାଣୀମାନଙ୍କ କୃତ୍ରିମ ପ୍ରଜନନ ବାର୍ଷିକ ୨୦ ଲକ୍ଷକୁ ବୃଦ୍ଧି କରାଯିବ ଓ ଅଧିକ ପ୍ରୋତ୍ସାହନ ରାଶି ଦେଇ ଲିଙ୍ଗ ଆଧାରିତ ଶୁକ୍ରାଣୁ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ।

୨୧) ଗୋଖାଦ୍ୟ ପ୍ରସ୍ତୁତି, ଦୁଗ୍ଧ ସଂଗ୍ରହ, ପ୍ରକ୍ରିୟାକରଣ ଓ ବଜାର ବ୍ୟବସ୍ଥାର ଭିତ୍ତିଭୂମି ପ୍ରସ୍ତୁତ କରି ସମବାୟ ସଂସ୍ଥା ମାଧ୍ୟମରେ ଗୋପାଳନକୁ ଉତ୍ସାହିତ କରାଯିବ।

୨୨) ଗ୍ରାମାଞ୍ଚଳ ସ୍ତରରେ ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟ ଶୃଙ୍ଖଳ ପ୍ରସ୍ତୁତ କରିବା ପାଇଁ ବେସରକାରୀ ସଂସ୍ଥାଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯିବ।

୨୩) ଓମ୍‌ଫେଡ୍ ଓ ବେସରକାରୀ ପ୍ରକ୍ରିୟାକରଣ ସଂସ୍ଥା ମାଧ୍ୟମରେ ମୋଟ ଦୁଗ୍ଧ ଉତ୍ପାଦନର ବର୍ତ୍ତମାନର ୨୦% ଦୁଗ୍ଧ ସଂଗ୍ରହକୁ ଆଗାମୀ ୫ ବର୍ଷରେ ୨୫% କୁ ବୃଦ୍ଧି କରାଯିବ।

୨୪) ଆଗାମୀ ୫ ବର୍ଷରେ ସମସ୍ତ କାର୍ଯ୍ୟକ୍ଷମ ଗ୍ରାମୀଣ ସମବାୟ ସଂସ୍ଥା ଗୁଡ଼ିକୁ ସାମିଲ କରାଯାଇ ବିଶେଷ କରି ଗ୍ରାମାଞ୍ଚଳ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଜରିଆରେ ଓମ୍‌ଫେଡ୍ ଏହାର ଦୁଗ୍ଧ ଶୀତଳ ଶୃଙ୍ଖଳକୁ ପରିବ୍ୟାପ୍ତ କରିବ। ଯେଉଁ ଗ୍ରାମାଞ୍ଚଳରୁ ପ୍ରତିଦିନ ଅନ୍ୟୁନ ୫୦୦ ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି, ସେଠାରେ ବଡ ଆକୃତିର ଦୁଗ୍ଧ ଶୀତଳୀକରଣ ପ୍ରଦାନ କରାଯିବ।

୨୫) ପ୍ରାଣୀମାନଙ୍କ ମୁଖ୍ୟ ରୋଗ ଯଥା- ପାଦ ଓ ମୁଖ ରୋଗ, ବ୍ରୁସେଲୋସିସ, ଏଚ୍.ଏସ୍., ବି.କ୍ୟୁ, ଥେଇଲେରିଓସିସ୍, ଆଇ.ବି.ଆର. ଓ ମାଷ୍ଟିଟିସ୍ ପରି ରୋଗର ନିଦାନ ପାଇଁ ସୁରକ୍ଷାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ରାଜ୍ୟରେ ପାଦ ଓ ମୁଖ ରୋଗର ନିରାକରଣ ପାଇଁ ପ୍ରାଣୀମାନଙ୍କ ଶତ ପ୍ରତିଶତ ଟୀକାକରଣ ଅଭିଯାନ କରାଯିବ।

୨୬) ସର୍ବସାଧାରଣ ଓ ପତିତ ଜମିରେ ଘାସଚାଷ ପାଇଁ ଏକ ଘାସ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ।

୨୭) ଦୁଧିଆଳୀ ପ୍ରାଣୀମାନଙ୍କ ପାଇଁ ସନ୍ତୁଳିତ ଆହାର କାର୍ଯ୍ୟକ୍ରମ ୧୦,୦୦୦ ଗ୍ରାମକୁ ପରିବର୍ଦ୍ଧିତ କରାଯିବ।

୨୮) କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ପାଇଁ ସ୍ଥାନୀୟ ଅଞ୍ଚଳକୁ ସୁହାଇଲା ପରି ସ୍ୱଳ୍ପ ଖର୍ଚ୍ଚରେ କୁକୁଡ଼ା / ବତକ / ଅନ୍ୟାନ୍ୟ ପକ୍ଷୀ ପାଳନକୁ ପ୍ରୋତ୍ସାହନ ଦିଆଯିବ।

୨୯) ଛେଳିଚାଷ ପାଇଁ ଓଡ଼ିଶା ଜଳବାୟୁରେ ଶୀଘ୍ର ବଢ଼ି ପାରୁଥିବା ଓ ଅଧିକ ମାଂସ ଦେଉଥିବା ଛେଳି କିସମ ଚିହ୍ନଟ କରିବାକୁ ପ୍ରାଣୀ ସଂପଦ ବିକାଶ ବିଭାଗ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯିବ।

୩୦) ଚୟନମୂଳକ ପ୍ରଜନନ ପ୍ରକ୍ରିୟା ମାଧ୍ୟମରେ ଛେଳି ଓ ମେଣ୍ଢାମାନଙ୍କର ଆନୁବଂଶିକ ବିକାଶ କରାଯିବ। ଅନ୍ତଃ ପ୍ରଜନନ କମାଇବା ପାଇଁ ଏକ ବୋଦା ପ୍ରତିବଦଳ କାର୍ଯ୍ୟକ୍ରମ କରାଯିବ।

୩୧) ପକ୍ଷୀପାଳନ କ୍ଷେତ୍ରରେ ବୃହତ ଏକୀକରଣ ସଂସ୍ଥାକୁ ସହାୟତା ଓ ପ୍ରୋତ୍ସାହନ ଦିଆଯିବ ଯଦ୍ୱାରା ସେମାନେ ବିକେନ୍ଦ୍ରିକୃତ ଉତ୍ପାଦନ ମଡେଲ ପ୍ରତିଷ୍ଠା କରିପାରିବେ।

୩୨) କ୍ଷୁଦ୍ର ଓ ବାଡ଼ି ଅଗଣାରେ କୁକୁଡ଼ା /ବତକ ପାଳନ ପାଇଁ ରିହାତି ଦରରେ ଟୀକା ଯୋଗାଇ ଦିଆଯିବ।

୩୩) କୁକୁଡ଼ା / ବତକ ପାଳନ କ୍ଷେତ୍ରରେ ଆଣ୍ଟିବାୟୋଟିକ୍ ବ୍ୟବହାରକୁ ନିୟନ୍ତ୍ରିତ କରାଯିବ। ଏକ ଦକ୍ଷ ସଂପ୍ରସାରଣ ପ୍ରଣାଳୀ ମାଧ୍ୟମରେ ଏହା ନିଶ୍ଚିତ କରାଯିବ ଯେ ଆଣ୍ଟିବାୟୋଟିକ୍‌ର ପ୍ରୟୋଗ ଶରୀର ବୃଦ୍ଧି ପାଇଁ ନୁହେଁ ବରଂ କେବଳ ରୋଗ ନିଦାନ ପାଇଁ ଉଦ୍ଦିଷ୍ଟ।

୩୪) ମତ୍ସ୍ୟଜୀବୀ ମାନଙ୍କ ପାଇଁ ଜୀବନ ବୀମା ତଥା ଡଙ୍ଗା ଓ ଜାଲ କିଣିବା ପାଇଁ ସହାୟତା ପ୍ରଦାନ ସହ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରାଯିବ। ପୁନଶ୍ଚ ପାଣିପାଗ ସମ୍ବନ୍ଧୀୟ ଆପଦ ପରିଚ୍ଛଳନା ପାଇଁ ମତ୍ସ୍ୟଜୀବୀ ମାନଙ୍କୁ ଜଳବାୟୁ ସଂପର୍କୀୟ ସୂଚନା ସେବା ପ୍ରଦାନ କରାଯିବ।

୩୫) ରାଜ୍ୟର ମତ୍ସ୍ୟ ସମ୍ପଦର ଅଙ୍କୀକରଣ ଓ Geo-tagging କରିବା ପାଇଁ GIS ଆଧାରିତ ପରିଚାଳନା ତଥ୍ୟ ପଦ୍ଧତି (MIS) ସ୍ଥାପନା କରାଯିବ।

୩୬) ପୋଖରୀ / ଜଳାଶୟ ପାଇଁ ଲିଜ୍ ବ୍ୟବସ୍ଥାରେ ଆବଶ୍ୟକ ସଂଶୋଧନ ଆଣି ଆଭ୍ୟନ୍ତରୀଣ ମତ୍ସ୍ୟଚାଷକୁ ପ୍ରୋତ୍ସାହିତ କରାଯାଇ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯିବ।

୩୭) ରାଜ୍ୟର ବିଭିନ୍ନ ସ୍ଥାନରେ ମତ୍ସ୍ୟ ବିକ୍ରୟ କେନ୍ଦ୍ର ଓ ମତ୍ସ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯାଇ ମତ୍ସ୍ୟ ବଜାର ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଏହାଦ୍ୱାରା ମତ୍ସ୍ୟ ବିପଣନରେ ଶୀତଳ ଶୃଙ୍ଖଳ (Cold Chain) କୁ ଉତ୍ସାହିତ କରାଯିବା ସହିତ ଆଧୁନିକ ଓ ପ୍ରଭାବୀ ମୂଲ୍ୟଭିତ୍ତିକ ଜ୍ଞାନକୌଶଳ ପ୍ରୟୋଗ କରି ମୂଲ୍ୟଭିତ୍ତିକ ଶୁଷ୍କ ମତ୍ସ୍ୟ ବିପଣନକୁ ପ୍ରୋତ୍ସାହିତ କରାଯିବ।

୩୮) କୃଷି ସଂପ୍ରସାରଣ ବ୍ୟବସ୍ଥାକୁ ମଜବୁତ୍ କରାଯିବ। ଆଗାମୀ ୫ବର୍ଷରେ ଅନ୍ୟୁନ ୫,୦୦,୦୦୦ ଚାଷୀଙ୍କୁ ତାଲିମ ପ୍ରଦାନ କରାଯିବ ଏବଂ ଫସଲକାଟ ଓ କ୍ଷେତ୍ର ପ୍ରଦର୍ଶନକୁ ଶତ ପ୍ରତିଶତ Geotagging କରାଯିବ। ଗ୍ରାମ, ବ୍ଲକ ଓ ଜିଲ୍ଲା ସ୍ତରରେ ସଂପ୍ରସାରଣ କ୍ଷେତ୍ରରେ କାର୍ଯ୍ୟକରୁଥିବା ମାନବ ସାଧନକୁ ବୃଦ୍ଧି କରାଯିବ।

୩୯) ଆପଦକାଳୀନ ସ୍ଥିତିର ମୁକାବିଲା ପାଇଁ, ଆଗାମୀ ୫ ବର୍ଷରେ ଶତପ୍ରତିଶତ ଅଞ୍ଚଳରେ ଆଗୁଆ ସୂଚନା ପ୍ରଦାନ କରିବା ବ୍ୟବସ୍ଥା କରାଯିବ। ଯଥେଷ୍ଟ ପରିମାଣରେ ବିହନ, ରାସାୟନିକ ସାର ମହଜୁଦ ରଖାଯିବ ଓ ଅନ୍ୟାନ୍ୟ ସହାୟତା ଯଥା କୃଷି ଋଣ ଆଦି ଦେବାକୁ ନିଶ୍ଚିତ କରାଯିବ ଏବଂ ଏଥିସହିତ ଫସଲ କ୍ଷତି ଆକଳନ ବ୍ୟବସ୍ଥାକୁ ଗତିଶୀଳ ଓ ଅଧିକ ବ୍ୟବସ୍ଥିତ କରାଯିବ।

୪୦) କୃଷିରେ ମହିଳାମାନଙ୍କୁ ସହାୟତା ଓ ପ୍ରୋତ୍ସାହନ ଯୋଗାଇଦେବା ପାଇଁ

- କ) ଉଦ୍ୟାନକୃଷି ଓ କ୍ଷୁଦ୍ର ପ୍ରାଣୀ ପାଳନ ଯୋଜନା ବଜେଟର ଅନ୍ୟୁନ ୩୦% ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିବ।
- ଖ) ମହିଳାମାନଙ୍କ ଉପଯୋଗୀ ଘରବାଡ଼ିରେ ପ୍ରାଣୀପାଳନ / କୁକୁଡ଼ା ପାଳନ / ମତ୍ସ୍ୟଚାଷ / ମହିଳା ଉପଯୋଗୀ ଫସଲଚାଷ (ଯେପରିକି ପନିପରିବା) ଏବଂ ଉତ୍ପାଦନ କୌଶଳ ଆଦିରେ ଅଧିକ ଗୁରୁତ୍ୱ ଦେବା ସହିତ ସଂପ୍ରସାରଣ ବ୍ୟବସ୍ଥାରେ ସଂଶୋଧନ କରାଯିବ।
- ଗ) ଆବଶ୍ୟକତା ଅନୁସାରେ ମହିଳା ଉପଯୋଗୀ କୃଷି ଉପକରଣ ଗୁଡ଼ିକର ଢାଞ୍ଚା ପ୍ରସ୍ତୁତି ଓ ଉତ୍ପାଦନକୁ ପ୍ରୋତ୍ସାହିତ କରାଯିବ।
- ଘ) ମହିଳାମାନେ କିପରି ଅଧିକରୁ ଅଧିକ ଋଣ ପାଇପାରିବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ।
- ଙ) ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୀତି ଅଣାଯିବ।
- ଚ) ମହିଳାମାନଙ୍କୁ ସଶକ୍ତିକରଣ କରିବାକୁ ମିଶନଶକ୍ତିକୁ ଉପଯୋଗ କରାଯିବ।

୪୧) ବିଭାଗୀୟ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସବୁସ୍ତରରେ ଏକ ଦୃଢ଼ ଦକ୍ଷତା ସୂଚକାଙ୍କ ପ୍ରସ୍ତୁତ କରାଯିବ ଓ ଅଧିକାରୀମାନଙ୍କର ଉତ୍ତରଦାୟିତ୍ୱ ମାନଦଣ୍ଡ ସ୍ଥିର କରିବାକୁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯିବ। ପାରଦର୍ଶୀ ଅଧିକାରୀଙ୍କୁ ପୁରସ୍କୃତ ବା ସ୍ୱୀକୃତି ପ୍ରଦାନ କରାଯିବ।

୪୨) ADAPT (Analytics for Decision making and Agricultural Policy Transformation) ଅଧିନରେ ଏକ ନିଷ୍ପତ୍ତି ସହାୟକ ପଦ୍ଧତି (Decision Support System) ପ୍ରସ୍ତୁତ କରାଯିବ। ଯାହାଦ୍ୱାରା ବିଭାଗର ସମସ୍ତ ତଥ୍ୟ ସହାୟତାରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ଦକ୍ଷତାର ସହିତ ପରିଚାଳନା କରାଯାଇପାରିବ। ଏହି ବ୍ୟବସ୍ଥା, ଗ୍ରାମ, ଗ୍ରାମପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରର ଅଧିକାରୀଙ୍କୁ ତଥ୍ୟ ବ୍ୟବହାର କରିବାରେ ସାହାଯ୍ୟ କରିବ। ଅଧିକାରୀମାନଙ୍କ ସୁବିଧା ନିମନ୍ତେ ଏହି ବ୍ୟବସ୍ଥା ମୋବାଇଲ ମାଧ୍ୟମରେ ମଧ୍ୟ ଉପଲବ୍ଧ ହେବ।

୪୩) ଆଗାମୀ ୫ ବର୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସମସ୍ତ କାର୍ଯ୍ୟକ୍ରମ ଇଲୋକ୍ଟ୍ରୋନିକ ନିରୀକ୍ଷଣ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବ।

୪୪) ଏକ ସମ୍ପୂର୍ଣ୍ଣ ଓ ଅଧୁନାତନ କୃଷକ ଡାଟାବେସ୍ ପ୍ରସ୍ତୁତ କରାଯିବ। ସମସ୍ତ ଜମି ମାଲିକାନା ଥିବା ଚାଷୀ, ଭାଗଚାଷୀ ଓ ପ୍ରଜା ଚାଷୀଙ୍କ ପାଇଁ ପ୍ରଚଳିତ ଡାଟାବେସ୍‌କୁ ତ୍ରୁଟିଶୂନ୍ୟ ଓ ଶକ୍ତିଶାଳୀ କରାଯାଇ ଏକ ନୂତନ ଗତିଶୀଳ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଏହି ଡାଟାବେସ୍ ଚାଷୀମାନଙ୍କୁ ଅନେକ ପ୍ରକାର ତଥ୍ୟ, ପରାମର୍ଶ ଓ ଅନ୍ୟାନ୍ୟ ସାହାଯ୍ୟ ଦେବାକୁ ବ୍ୟବହୃତ ହେବ।

୪୫) ସୂକ୍ଷ୍ମ ନିରୀକ୍ଷଣ ପାଇଁ ଡ୍ରୋନ୍‌ର ବ୍ୟବହାର କରାଯିବ ଏବଂ ଉଚ୍ଚମାନର ଉପଗ୍ରହ ଫଟୋ ଓ ପାଣିପାଗ ବିଶ୍ଳେଷଣ ଭାରତୀୟ ପାଣିପାଗ ବିଭାଗ ବା ବେସରକାରୀ ସଂସ୍ଥା ମାନଙ୍କଠାରୁ ସଂଗ୍ରହ କରାଯିବ। ଅପହଞ୍ଚ ଇଲାକା ଗୁଡ଼ିକରେ ସ୍ଥିତି ଉପରେ ନଜର ରଖିବା, ଫସଲ କାଟ ପରୀକ୍ଷଣ ଓ କୃଷି ପରାମର୍ଶ ଆଦି କାର୍ଯ୍ୟ ପାଇଁ ବିଭିନ୍ନ ସୂତ୍ରରୁ ମିଳୁଥିବା ତଥ୍ୟକୁ ବ୍ୟବହାର କରାଯାଇ ପାରିବ। କୃଷକମାନଙ୍କୁ କୃଷିଋଣ ପ୍ରଦାନ ଓ ଫସଲବୀମା କ୍ଷେତ୍ରରେ ଏହି ଡାଟାକୁ ବ୍ୟବହାର କରାଯାଇ ପାରିବ।

୪୬) ବିହନ, ରାସାୟନିକ ସାର ଓ ଜୀବନାଶକ / କୀଟନାଶକର ବାସ୍ତବ ବ୍ୟବହାର ଓ ଯୋଗାଣ ଉପରେ ନଜର ରଖିବାକୁ IoT ସେନ୍‌ସର ବ୍ୟବହାର କରାଯିବ।

୪୭) ରୋବୋଟିକ୍ ଜ୍ଞାନକୌଶଳ ବ୍ୟବହାର କରାଯାଇ ସ୍ୱୟଂକ୍ରିୟ ଫସଲ ଉତ୍ପାଦଗୁଡିକର ଶ୍ରେଣୀକରଣ ଓ ବର୍ଗୀକରଣ କରାଯିବାକୁ ପଦକ୍ଷେପ ନିଆଯିବ। ଏହା ଯୋଗାଣ ଶୃଙ୍ଖଳାରେ ଅପଚୟ ଓ ଶ୍ରମଶକ୍ତିକୁ କମାଇପାରିବ।

୪୮) ବ୍ଲକଶୃଙ୍ଖଳ ଭଳି ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଚୁକ୍ତିଭିତ୍ତିକ ଚାଷ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରାଯିବ।

## ଜଳବାୟୁ ପରିବର୍ତ୍ତନ ଓ ଓଡ଼ିଶା କୃଷି

୧) ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମେତ ଭାରତୀୟ କୃଷି ଗବେଷଣା ପରିଷଦ ଓ ସି.ଜି.ଆଇ.ଏ.ଆର (CGIAR) ସଂସ୍ଥା ପରି ଆନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା ରାଜ୍ୟର ୧୦ ଗୋଟି କୃଷି ଜଳବାୟୁ ଅଞ୍ଚଳ ପାଇଁ ପାଣିପାଗକୁ ସୁହାଉଥିବା କିସମଗୁଡିକ ବିକାଶ କରିବେ।

୨) ପାଣିପାଗକୁ ସୁହାଉଥିବା ଅଧିକ ଅମଳକ୍ଷମ ଦେଶୀ କିସମ ଗୁଡିକୁ ଚିହ୍ନଟ କରାଯିବ ଓ ପ୍ରୋତ୍ସାହିତ କରାଯିବ।

୩) ବନ୍ୟା ପ୍ଲାବିତ ଅଞ୍ଚଳରେ ବନ୍ୟା ସହଣୀ କିସମ, ମରୁଡ଼ିପ୍ରବଣ ଅଞ୍ଚଳରେ ମରୁଡ଼ି ସହଣୀ କିସମ ଓ ଲୁଣା ଅଞ୍ଚଳରେ ଲୁଣି ସହଣୀ କିସମକୁ ପ୍ରୋତ୍ସାହିତ କରାଯିବ।

୪) ଜଳବାୟୁ ଅନୁକୂଳ (Climate smart) ବିହନ ଯୋଗାଣ କାର୍ଯ୍ୟକ୍ରମକୁ ଏହି ନୀତିରେ ଗୁରୁତ୍ୱ ଦିଆଯାଇଛି। ବାରମ୍ବାର ପ୍ରାକୃତିକ ଦୁର୍ବିପାକ ଘଟୁଥିବା ଅଞ୍ଚଳରେ ବିହନ ଆରକ୍ଷଣ ନୀତି ସହ ଏକ ଆପାଦକାଳୀନ ଫସଲ ଯୋଜନା ପ୍ରସ୍ତୁତ କରାଯିବ।

୫) କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଭୂମିହୀନ ପରିବାରଙ୍କ ଜୀବନ ଜୀବିକାର ସହାୟତା ପାଇଁ ସ୍ଥାନୀୟ ଜଳବାୟୁକୁ ସୁହାଇଲା ପରି ସ୍ୱଳ୍ପ ଖର୍ଚ୍ଚରେ କରାଯାଉଥିବା କୁକୁଡ଼ା ଚାଷକୁ ପ୍ରୋତ୍ସାହିତ କରାଯିବ।

୬) ଯେଉଁଠାରେ ସମ୍ଭବ ସୂକ୍ଷ୍ମ ବା ଯଥାର୍ଥ କୃଷି କୌଶଳ (Precision Agriculture Technique) ଶକ୍ତି ସଂଚୟକାରୀ ପାଣିପମ୍ପ, ଅଣୁ ଜଳସେଚନ, ଜଳବାୟୁ ଅନୁକୂଳ ପ୍ରଯୁକ୍ତି ଓ ପ୍ରାଣୀସଂପଦର ଆଚରଣ, ସ୍ୱାସ୍ଥ୍ୟ, ଉତ୍ପାଦନ ଏବଂ ବଜାର ବ୍ୟବସ୍ଥା ସ୍ଥାପନ କରିବା ପାଇଁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଦିଗରେ ରାଜ୍ୟର ସଂପ୍ରସାରଣ କାର୍ଯ୍ୟକର୍ତ୍ତା କାର୍ଯ୍ୟକରିବାର ଲକ୍ଷ୍ୟ ରଖାଯାଇଛି।

୭) ପୂର୍ବଚିହ୍ନିତ ଉତ୍ପାଦନ ପୁଞ୍ଜମାନଙ୍କ ସହାୟତା ନେଇ ସହଭାଗୀ ଜଳ ନିରାପତ୍ତା ପରିଚାଳନା (ଭୂତଳ ଜଳ ଓ ପ୍ରବାହମାନ ଜଳ) କାର୍ଯ୍ୟକାରୀ ହେବ। ଭୂତଳ ଜଳ ଓ ପ୍ରବାହମାନ ଜଳର ସୁରକ୍ଷା ଓ ସହଯୋଗ ଭିତ୍ତିକ ପରିଚାଳନା ଫସଲ ଉତ୍ପାଦନ ପୁଞ୍ଜି ଆଧାରରେ ପରିଚାଳନା କରାଯିବ।

୮) ସେଚଜଳର ସଠିକ୍ ଓ ଉପଯୁକ୍ତ ବ୍ୟବହାର ତଥା ଗୋଷ୍ଠୀଗତ ଜଳ ପରିଚାଳନା ପାଇଁ ଗ୍ରାମୀଣ ସହଭାଗୀ ଅବତାରଣା (Participatory Rural Appraisal) ତାଲିମ କାର୍ଯ୍ୟକ୍ରମ ଏବଂ ନମୁନା ପ୍ରଦର୍ଶନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ।

୯) ଯେଉଁଠାରେ ଅଧିକାଂଶ ସମୟରେ ପାଣି ଜମି ରହୁଛି ଓ ପାଣି ଜମିରହିବା ଜନିତ ସମସ୍ୟା ରହୁଛି ସେସବୁ ଅଞ୍ଚଳରେ ଜଳ ନିଷ୍କାସନ ପ୍ରକଳ୍ପ କରାଯିବା ଦିଗରେ ଦୃଷ୍ଟି ଦିଆଯିବ।

୧୦) ଜଳ ବିନିଯୋଗକାରୀ ସଂଘ (ପାଣି ପଞ୍ଚାୟତ) କାର୍ଯ୍ୟଦକ୍ଷତାର ସମୀକ୍ଷା କରାଯିବ ଓ ରାଜ୍ୟରେ ସେଚ ଜଳର ସୁବିନିଯୋଗ ନିମନ୍ତେ ସେମାନଙ୍କର ଦକ୍ଷତା ବିକାଶ କରିବା ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରାଯିବ।

୧୧) ସହଯୋଗ ଭିତ୍ତିରେ ଜଳ ବିଭାଜିକା ପରିଚାଳନାକୁ ପ୍ରାଧାନ୍ୟ ଦିଆଯିବ।

୧୨) ବିଶେଷ କରି ବୃଷ୍ଟିପୁଷ୍ଟ ଅଞ୍ଚଳରେ ଭୂତଳ ଜଳ ସଂରକ୍ଷଣ ସହିତ, ବର୍ଷା ଜଳ ସଂରକ୍ଷଣ ଓ ବର୍ଷାଜଳ ଅମଳ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯିବ।

**ଉପସଂହାର**

ଏହି କୃଷିନୀତି ଓଡ଼ିଶାର କୃଷି କ୍ଷେତ୍ରରେ ଏକ ବ୍ୟାପକ ଓ ସୁସଂଗତ ପ୍ରଗତିଶୀଳ ପରିବର୍ତ୍ତନ ଆଣିବାରେ ପଥ ପ୍ରଦର୍ଶକ ହେବ। ଏହା ଓଡ଼ିଶାର ଅର୍ନ୍ତନିହିତ ଶକ୍ତିର ବିକାଶ କରାଇବା ସଙ୍ଗେ ସଙ୍ଗେ ବିଭିନ୍ନ ବାଧାବିଘ୍ନକୁ ସମାଧାନ କରିବାର ପଦକ୍ଷେପ ନେବ ଏବଂ ରାଜ୍ୟର ଅମାପ ସଂପଦ ଓ ସୁଯୋଗର ସୁବିନିଯୋଗ ନିମନ୍ତେ ଏକ ପଥ ପଦର୍ଶକ ହେବ।

ରାଜ୍ୟ କୃଷିନୀତି ଏକ ସ୍ୱୟଂସଂପୂର୍ଣ୍ଣ, ସମକାଳୀନ ଓ ବ୍ୟାପକ ସଂସ୍କାର ମାଧମରେ ଓଡିଶା କୃଷିର ସର୍ବାଙ୍ଗୀନ ଉନ୍ନତି ସାଧନ କରି ରାଜ୍ୟର କୃଷକମାନଙ୍କୁ ବିକାଶ ପଥରେ ପରିଚାଳିତ କରିବ।